Daily Sambad 20.11.2021

## କେନ୍ଦ୍ର ସାହିତ୍ୟ ଅକାଦେମି ପୁସ୍ତକ ପ୍ରଦର୍ଶନୀ ଉଦ୍‌ଘାଟିତ

# ‘ସାହିତ୍ୟ ମଣିଷକୁ ଆୟୁଷ୍ମାନ କରେ’



କଟକ,୨୦।୧୧(ଇମିସ): ସାହିତ୍ୟ ମଣିଷକୁ ଆୟୁଷ୍ମାନ କରେ। ଏହା ଜୀବନକୁ ଉଚିତ ମାର୍ଗରେ ପରିଚାଳିତ କରିବା ସହିତ ଜୀବନକୁ ଚିତ୍ରିତ କରିବାରେ ସହାୟକ ହୋଇଥାଏ। ସେଇଥି ପାଇଁ ତ ସାହିତ୍ୟ କାଳଜୟୀ ବୋଲି କହିଛନ୍ତି ବିଶିଷ୍ଟ କଥାକାର ତଥା ‘ସମ୍ବାଦ’ର ସଂପାଦକ(ଫିଚର) ଡକ୍ଟର ଗୌରହରି ଦାସ। କେନ୍ଦ୍ର ସାହିତ୍ୟ ଅକାଦେମି ଓ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ପୁସ୍ତକ ପ୍ରଦର୍ଶନୀ ତଥା ସାରସ୍ୱତ ସାଧକ ଜଗନ୍ନାଥ ପ୍ରସାଦ ଦାସଙ୍କ ପୁସ୍ତକ ‘ଏକତ୍ରିକା’ର ଆଲୋଚନା କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଡକ୍ଟର ଦାସ, ଜଗନ୍ନାଥ ପ୍ରସାଦ ଦାସଙ୍କୁ ଅନନ୍ୟ ସାହିତ୍ୟିକ ଭାବେ ବର୍ଣ୍ଣନା କରିଥିଲେ। ଜଗନ୍ନାଥ ପ୍ରସାଦ ଜୀବନକୁ ଯେମିତି ଦେଖିଛନ୍ତି, ବୁଝିଛନ୍ତି, ତାଙ୍କ ସାହିତ୍ୟରେ ସେହିଭଳି ଲେଖିଛନ୍ତି ବୋଲି ଡକ୍ଟର ଦାସ ମତବ୍ୟକ୍ତ କରିଥିଲେ।

ଉତ୍କଳ ସାହିତ୍ୟ ସମାଜ ପରିସରରେ ଆୟୋଜିତ ପୁସ୍ତକ ପ୍ରଦର୍ଶନୀକୁ ଓଡ଼ିଶା ସାହିତ୍ୟ ଅକାଦେମିର ଉପସଭାପତି ଡକ୍ଟର ସଂଗ୍ରାମ ଜେନା ଉଦ୍‌ଘାଟନ କରିଥିଲେ। କେନ୍ଦ୍ର ସାହିତ୍ୟ ଅକାଦେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ପ୍ରଫେସର ଡକ୍ଟର ବିଜୟାନନ୍ଦ ସିଂହ ଉତ୍ସବରେ ଅଧ୍ୟକ୍ଷତା କରି କେନ୍ଦ୍ର ସାହିତ୍ୟ ଅକାଦେମି ଓଡ଼ିଆ ସାହିତ୍ୟର ବିକାଶ ପାଇଁ ଆନ୍ତରିକତାର ସହ କାର୍ଯ୍ୟ କରୁଛି ବୋଲି କହିଥିଲେ। ସମାରୋହରେ ସାହିତ୍ୟ ଅକାଦେମି ପକ୍ଷରୁ ପ୍ରକାଶିତ ତଥା ସଂଗ୍ରାମ ଜେନାଙ୍କ ସଂପାଦିତ ଜଗନ୍ନାଥ ପ୍ରସାଦ ଦାସଙ୍କ ଏକତ୍ରିକା, ଡକ୍ଟର ଗୋବିନ୍ଦ ଚାନ୍ଦଙ୍କ ରଚିତ ‘ଔପନ୍ୟାସିକ ଚନ୍ଦ୍ରମଣି ଦାସଙ୍କ ଜୀବନୀ’, ପ୍ରଫେସର ଡକ୍ଟର ବିଜୟାନନ୍ଦ ସିଂହଙ୍କ ସଂପାଦିତ ‘ଆଧୁନିକ ଓଡ଼ିଆ ପ୍ରବନ୍ଧ ସାହିତ୍ୟ’, ଶ୍ୱେତା ମହାନ୍ତିଙ୍କ ଅନୁଦିତ ‘ଆନାଭାଓ ସାଠେ’, ଆଶିଷ ରାୟଙ୍କ ଅନୁଦିତ ‘ଦିବ୍ୟଅସ୍ତ୍ର’ ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂଗଠନ ସଂପାଦକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ। ଏହି ପୁସ୍ତକ ପ୍ରଦର୍ଶନୀ ଓ ବିକ୍ରୟ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ।

Daily Prameya

# କେନ୍ଦ୍ର ସାହିତ୍ୟ ଅକାଦେମିର ପୁସ୍ତକ ପ୍ରଦର୍ଶନୀ ଉଦ୍‌ଘାଟିତ




କଟକ,୨୦।୧୧(ବ୍ୟୁରୋ): କଟକ ଶ୍ରୀରାମଚନ୍ଦ୍ର ଭବନଠାରେ କେନ୍ଦ୍ର ସାହିତ୍ୟ ଅକାଦେମି ଓ ଉତ୍କଳ ସାହିତ୍ୟ ସମାଜର ମିଳିତ ଆନୁକୂଲ୍ୟରେ କେନ୍ଦ୍ର ସାହିତ୍ୟ ଅକାଦେମିର ପୁସ୍ତକ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ପୁସ୍ତକ ମେଳାକୁ ଓଡ଼ିଶା ସାହିତ୍ୟ ଅକାଦେମିର ଉପସଭାପତି ଡ. ସଂଗ୍ରାମ ଜେନା ଉଦ୍‌ଘାଟନ କରିଥିଲେ। ଉତ୍ସବରେ ସାହିତ୍ୟ ଅକାଦେମି ପ୍ରକାଶିତ ଏବଂ ଡ. ସଂଗ୍ରାମ ଜେନାଙ୍କ ସଂପାଦିତ ଜଗନ୍ନାଥ ପ୍ରସାଦ ଦାସଙ୍କ ସାରସ୍ୱତ କୃତି 'ଏକତ୍ରିକା', ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ରଚିତ 'ଔପନ୍ୟାସିକ ଚନ୍ଦ୍ରମଣି ଦାସଙ୍କ ଜୀବନୀ', ଡ. ବିଜୟାନନ୍ଦ ସିଂହଙ୍କ ସଂପାଦିତ 'ଆଧୁନିକ ଓଡ଼ିଆ ପ୍ରବନ୍ଧ ସାହିତ୍ୟ', ଶ୍ୱେତା ମହାନ୍ତିଙ୍କ ଅନୁଦିତ 'ଆନା ଭାଉ ସାଠେ', ଅଶିଷ ରାୟଙ୍କ ଅନୁଦିତ 'ଦିବ୍ୟ ଅସ୍ତ୍ର' ପୁସ୍ତକ ଉନ୍ମୋଚିତ ହୋଇଥିଲା।

'ଏକତ୍ରିକା' ପୁସ୍ତକ ଜଗନ୍ନାଥ ପ୍ରସାଦ ଦାସଙ୍କ କୃତି ଓ କୃତିତ୍ୱର ଅପୂର୍ବ ସ୍ୱାକ୍ଷର ବୋଲି ଉତ୍ସବର ମୁଖ୍ୟବକ୍ତା ବିଶିଷ୍ଟ କଥାକାର ଡ. ଗୌରହରି ଦାସ ମତ ଦେଇଥିଲେ। ଜେପି ଦାସଙ୍କ ସାମଗ୍ରିକ ସାହିତ୍ୟ କୃତି ସମ୍ପର୍କରେ ବିସ୍ତୃତ ବିବରଣୀ ରଖିବା ସହ ଡ. ଦାସ କହିଥିଲେ କି' ଏହି ପୁସ୍ତକରେ ସମକାଳୀନ ସାହିତ୍ୟ ଓ ଜୀବନର ମାର୍ମିକ ରୂପ ଯଥାର୍ଥ ଭାବେ ପ୍ରତିଫଳିତ ହୋଇଛି। ଉତ୍ସବରେ କେନ୍ଦ୍ର ସାହିତ୍ୟ ଅକାଦେମିର ଓଡ଼ିଆ ଉପଦେଷ୍ଟାମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂହ ସଭାପତିତ୍ୱ କରି ଅକାଦେମି ଓଡ଼ିଆ ସାହିତ୍ୟର ବିକାଶ ପାଇଁ ନାନାବିଧ ପ୍ରୟାସ କରିଥିବା କଥା କହିଥିଲେ। ପ୍ରାରମ୍ଭରେ ଉତ୍କଳ ସାହିତ୍ୟ ସମାଜ ସଭାପତି ଗାଳ୍ପିକ ତରୁଣ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସଂଗଠନ ସଂପାଦକ ଅାଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ। ଏହି ପୁସ୍ତକ ପ୍ରଦର୍ଶନୀ ୨୪ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ।

Daily Samaj 20.11.2021

# କେନ୍ଦ୍ର ସାହିତ୍ୟ ଅକାଦେମିର ପୁସ୍ତକ ପ୍ରଦର୍ଶନୀ




କଟକ, ୨୦।୧୧ (ଆ.ପ୍ର) : ଉତ୍କଳ ସାହିତ୍ୟ ସମାଜ ଓ କେନ୍ଦ୍ର ସାହିତ୍ୟ ଅକାଦେମି ମିଳିତ ଆନୁକୂଲ୍ୟରେ ୫ଦିନ ବ୍ୟାପୀ ପୁସ୍ତକ ପ୍ରଦର୍ଶନୀ ଶ୍ରୀରାମଚନ୍ଦ୍ର ଭବନଠାରେ ଶନିବାରଠାରୁ ଆରମ୍ଭ ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ଡ. ସଂଗ୍ରାମ ଜେନା ପ୍ରଦର୍ଶନୀକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ଡ. ଜେନାଙ୍କ ସମ୍ପାଦିତ ଜଗନ୍ନାଥ ପ୍ରସାଦ ଦାସଙ୍କ ସାରସ୍ୱତ କୃତି ଏକତ୍ରିକା, ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ରଚିତ ଐତିହାସିକ ଚନ୍ଦ୍ରମଣି ଦାସଙ୍କ ଜୀବନୀ, ଡ. ବିଜୟାନନ୍ଦ ସିଂହଙ୍କ ସମ୍ପାଦିତ ଆଧୁନିକ ଓଡ଼ିଆ ପ୍ରବନ୍ଧ ସାହିତ୍ୟ, ଶ୍ୱେତା ମହାନ୍ତିଙ୍କ ଅନୁଦିତ ଆନାଭାଓ ସାଠେ, ଆଶିଷ ରାୟଙ୍କ ଅନୁଦିତ ଦିବ୍ୟ ଅସ୍ତ୍ର ପୁସ୍ତକ ଉନ୍ମୋଚିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଯୋଗଦେଇ କଥାକାର ଡକ୍ଟର ଗୌରହରି ଦାସ ଏକତ୍ରିକା ପୁସ୍ତକ କୃତି ଓ କବିତାର ଅମର୍ତ୍ତ ସ୍ୱାକ୍ଷର ବୋଲି କହିଥିଲେ। କେନ୍ଦ୍ର ସାହିତ୍ୟ ଅକାଦେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ଅଧ୍ୟକ୍ଷତା କରି ସାହିତ୍ୟ ଅକାଦେମି ଓଡ଼ିଆ ସାହିତ୍ୟ ବିକାଶ ପାଇଁ ପ୍ରୟାସ କରୁଛି ବୋଲି କହିଥିଲେ। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁସ୍ତକ ପ୍ରଦର୍ଶନୀ ଉଦ୍‌ଘାଟିତ

କଟକ ଅଫିସ, ୨୦।୧୧
Daily Dharitri
କଟକ ଶ୍ରୀରାମଚନ୍ଦ୍ର ଭବନଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଉତ୍କଳ ସାହିତ୍ୟ ସମାଜ ମିଳିତ ଆନୁକୂଲ୍ୟରେ ସାହିତ୍ୟ ଏକାଡେମୀ ପୁସ୍ତକ ପ୍ରଦର୍ଶନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଓଡ଼ିଶା ସାହିତ୍ୟ ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା ଉଦ୍‌ଘାଟନ କରିଥିଲେ। ଏଥିରେ ଡ. ସଂଗ୍ରାମ ଜେନାଙ୍କ ସମ୍ପାଦିତ ଜଗନ୍ନାଥ ପ୍ରସାଦ ଦାସଙ୍କ ସାରସ୍ୱତ କୃତି 'ଏକତ୍ରିକା', ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ରଚିତ ଔପନ୍ୟାସିକ ଚନ୍ଦ୍ରମଣି ଦାସଙ୍କ ଜୀବନୀ, ବିଜୟା ନନ୍ଦ ସିଂଙ୍କ ସମ୍ପାଦିତ ଆଧୁନିକ ଓଡ଼ିଆ ପ୍ରବନ୍ଧ ସାହିତ୍ୟ, ଶ୍ୱେତା ମହାନ୍ତିଙ୍କ ଅନୂଦିତ ଆନାଭାଓ ସାଠେ, ଆଶିଷ ରାୟଙ୍କ ଅନୂଦିତ ଦିବ୍ୟଅସ୍ତ୍ର ଉନ୍ମୋଚିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଗୌରହରି ଦାସ ଯୋଗଦେଇଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ବିଜୟାନନ୍ଦ ସିଂ ସଭାପତିତ୍ୱ କରି କହିଥିଲେ, ସାହିତ୍ୟ ଏକାଡେମୀ ଓଡ଼ିଆ ସାହିତ୍ୟ ବିକାଶ ପାଇଁ ବହୁ ପ୍ରୟାସ କରୁଛି। ଉତ୍କଳ ସାହିତ୍ୟ ସମାଜ ସଭାପତି ତରୁଣ କୁମାର ସାହୁ ସ୍ୱାଗତ ଭାଷଣ ଓ ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ।